ସର୍ବାଧିକ ପ୍ରସାରିତ ଓଡ଼ିଆ ଦୈନିକ LARGEST CIRCULATED ODIA DAILY

SAMBAD

ସମ୍ବାଦ

ଅନୁଗୁଳ, କଟକ, ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର, ରାଉରକେଲା ଓ ସଂବଲପୁରରୁ ଏକ ସମୟରେ ପ୍ରକାଶିତ

Published simultaneously from Anugul, Baleswar, Bhubaneswar, Katak, Brahmapur, Jayapur, Raurkela and Sambalpur

VISIT US AT: http://www.orissasambad.com

Bhubaneswar, Friday 24 October 2003 ଭୁବନେଶ୍ୱର ଶୁକ୍ରବାର ୨୪ ଅକ୍ଟୋବର ୨୦୦୩

# ନେଟ୍‌ଟେକ୍-ମିଟସ୍ ସହ ବନ୍ଧନରେ ଲିନକ୍ସ ଲ୍ୟାବ୍ ସ୍ଥାପନ

ଭୁବନେଶ୍ୱର,୨୩/୧୦: ଅଗ୍ରଣୀ ନେଟଓ୍ୱର୍କ ଫାର୍ମ ନେଟ୍‌ଟେକ୍ ସ୍ଥାନୀୟ ରାମମନ୍ଦିର ନିକଟସ୍ଥ ଏମ୍‌ଆଇଟିଏସ୍(ମିଟସ୍) ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜି ପରିସରରେ ଲିନକ୍ସ ଲ୍ୟାବ୍ ସ୍ଥାପନ କରିବା ଲାଗି ସହବନ୍ଧିତ ହୋଇଛି ବୋଲି କମ୍ପାନୀର ନିର୍ଦ୍ଦେଶକ ସ୍ୱପନ ପୁରକିତ୍ କହିଛନ୍ତି। ଲିନକ୍ସ ନେଟଓ୍ୱର୍କ ଅପରେଟିଂ ସିଷ୍ଟମ ଚାହିଦା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଲିନକ୍ସ ଲାବ୍ ଉପଲବ୍ଧ ହୋଇ ପାରୁନଥିବାରୁ ଏହାର ସମ୍ପୂର୍ଣ୍ଣ ବିକାଶ ଘଟି ପାରୁନାହିଁ ବୋଲି ଶ୍ରୀ ପୁରକିତ୍ ସୂଚନା ଦେଇଛନ୍ତି। ମିଟସ୍ ଲିନକ୍ସ ଲ୍ୟାବ୍ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଏଥିରେ ୨୨ଟି ପେଣ୍ଟିୟମ-ଫୋର ସର୍ଭର ଶ୍ରେଣୀର ମେସିନ୍ ରହିଛି। ରାଜ୍ୟରେ ଏହା ପ୍ରଥମ ଲିନକ୍ସ ଭିତ୍ତିକ ଲ୍ୟାବ୍ ହେବ। ଲ୍ୟାବ୍ ସମ୍ପୂର୍ଣ୍ଣ ହେଲେ ଏହା ଇଞ୍ଜିନିୟରିଂ ଓ ଏମ୍‌ସିଏ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲାଯିବ ଫଳରେ ସେମାନେ ଲିନକ୍ସ ନେଟଓ୍ୱର୍କ ସମ୍ପର୍କରେ ଧାରଣା ପାଇପାରିବେ। ଏହି ଲ୍ୟାବ୍ ଅନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପାଇଁ ଏକ ମଡ଼େଲ ହେବ ବୋଲି ମିଟସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର ପ୍ରକାଶ କରିଛନ୍ତି।